# ଅନ୍ଧବିଶ୍ୱାସର ଅନ୍ଧାରି ବସ୍ତିରେ ଆଶାର ଆଲୋକ

## ସେବା, ଶୁଶ୍ରୂଷାର ଦିହୁଡ଼ି ଜାଳିଲେ ଆଶାକର୍ମୀ ଯମୁନାମଣି

## 'ମନ୍ କି ବାତ୍'ରେ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ମୋଦି



ମ୍ୟାଲେରିଆ ପୀଡ଼ିତ ଜଣେ ରୋଗୀର ଘରେ ଯମୁନାମଣି

■ **ନୀଳଗିରି, ୨୯।୧୧ (ସ.ପ୍ର):** *'ଓଡ଼ିଶା କା ବାଲେଶ୍ୱର ଜିଲ୍ଲେ ମେଁ ଏକ୍ ଛୋଟା ସା ଗାଓଁ ହେ, ଜିସ୍‌କା ନାମ୍ ହେ ଡେଣ୍ଡା। ଇସି ଗାଓଁ ମେଁ ଏକ ଆଶାକର୍ମୀ ହେ, ଜିହ୍ନୋନେ ମାଲେରିଆ ମୁକ୍ତ କରନେ ମେ ପ୍ରମୁଖ ଭୂମିକା ନିଭାୟେ ହେଁ। ଉନ୍‌କୋ ମେରା ତରଫ୍ ସେ ଢେର୍ ସାରେ ବଧାଇୟାଁ।'*

ଏହି ପ୍ରଶଂସା ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର। ସେବାକୁ ବ୍ରତ ଭାବରେ ଆଦରି ନେଇଥିବା ସେହି ଆଶାକର୍ମୀଙ୍କ ସଫଳତା ସମ୍ପର୍କରେ ରବିବାର ସକାଳେ 'ମନ୍ କି ବାତ୍' ଜରିଆରେ ବଖାଣିଥିଲେ ପ୍ରଧାନମନ୍ତ୍ରୀ। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସିଆଳଘାଟି ଗ୍ରାମର ଯମୁନାମଣି ସିଂ (୨୯)। ଶିକ୍ଷାଗତ ଯୋଗ୍ୟତା ନବମ ପାସ୍। କୌଣସି ଏକ କାରଣରୁ ସେ ଆଉ ପାଠ ପଢ଼ି ପାରି ନଥିଲେ। ହେଲେ ପିଲାବେଳୁ ରହିଥିବା ସେବା ମନୋବୃତ୍ତି ଆଜି ତାଙ୍କୁ ପହଞ୍ଚାଇଛି ଆନ୍ତର୍ଜାତୀୟସ୍ତରରେ। ସେ ଡେଣ୍ଡା-୨ ଅଞ୍ଚଳର ଆଶାକର୍ମୀଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ଗାଁଟି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଯେଉଁଠି ଭରିରହିଛି ଅନ୍ଧବିଶ୍ୱାସର କଳାଛାୟା। ଡାକ୍ତର ଅପେକ୍ଷା ଏଠାରେ ଲୋକେ ଗୁଣିଆର ହୁକୁମ୍ ମାନି ଚଳନ୍ତି। ସେଭଳି ଏକ ଆଦିବାସୀବସ୍ତିରେ ପରିବର୍ତ୍ତନ ଆଣି ପାରିଛନ୍ତି ଆଶାକର୍ମୀ ଯମୁନାମଣି। ଜ୍ୱର, ଝାଡ଼ାଠାରୁ ଆରମ୍ଭ କରି ଗର୍ଭବତୀ ମହିଳାଙ୍କ ସେବା ଶୁଶ୍ରୂଷା ପର୍ଯ୍ୟନ୍ତ; ଯିଏ ଯେଉଁ ରୋଗରେ ପୀଡ଼ିତ ଥାଆନ୍ତୁ ନା କାହିଁକି, ରାତି ଅଧରେ ଡକରା ହେଲେ ବି ସେବା ଯୋଗାଇବା ଉଦ୍ଦେଶ୍ୟରେ ସେ ସଙ୍ଗେସଙ୍ଗେ ବାହାରି ପଡ଼ନ୍ତି। ମାତ୍ର ୧ବର୍ଷ ଭିତରେ ସେ ଗୋଟିଏ ଗାଁର ୩୫ଜଣ ମେଲେରିଆ ପଜିଟିଭ୍ ରୋଗୀଙ୍କୁ ରୋଗମୁକ୍ତ କରିଛନ୍ତି। ଖାଲି ଏତିକି ନୁହେଁ; ଅଞ୍ଚଳରେ ଘରେଘରେ ବୁଲି ପରିଷ୍କାର ପରିଚ୍ଛନ୍ନ ରହିବା ତଥା ଅଞ୍ଚଳକୁ ସ୍ୱଚ୍ଛ ରଖିବାକୁ ସେ ସଦାସର୍ବଦା ସଚେତନତାର ବାର୍ତ୍ତା ମଧ୍ୟ ବାଣ୍ଟି ଚାଲନ୍ତି। ଏହି

▶ ପୃଷ୍ଠା ୪



ଯମୁନାମଣି ସିଂ